# ଅଧିକାର

"ମା', ତୁ କାହିଁକି ପିଠା ଘିନ୍ତିକି ଅଇଲୁ- ବହୂ କୁଆଡ଼େ ଗଲା କି ?"

"କେଜାଣି ଲୋ ମା, ତାଙ୍କ କଥା ମୋର......."

ଏତିକି କହି ହରିଆ ମା' ବୁଢ଼ୀ କଂସାଖଣ୍ଡିକ ଥୋଇଦେଲା ହରିଆ ପାଖରେ ।

ହରିଆ ସେତେବେଳେ ମହାଜନ ଘର ନଳିତାବାଡ଼ିରେ ନଳିତା କାଟୁଥିଲା । ଆଉରି ପାଞ୍ଚସାତ ଜଣ ମୂଲିଆ ବି ଲାଗିଥିଲେ । ସମସ୍ତେ ଯେଝା ପାହି ଧରି ନଳିତା କାଟୁଥାଆନ୍ତି । ଉଞ୍ଚ ଉଞ୍ଚ ଗଛ ଗହଳରେ କେହି କାହାରିକୁ ଦେଖା ଯାଉନାହାନ୍ତି ।

'ହୁଁ' ଟିଏ ମାରି ହରିଆ ଦାଆ ଓ କଟୁରୀ ଥୋଇ ଦେଇ ପିଠ ଖାଇ ବସିଲା ।

"ବହୂ କ'ଣ କରୁଛି କି, ମା' ?"

"କହିବି କ'ଣ ରେ ପୁତ, ଆଜିକାଲିକା ଟୋକୀଙ୍କର କ'ଣ ଗିରସ୍ତ ପାଇଟି କରିବାକୁ ମନ ଅଛି କି ! ଖାଲି ଚେହେରା ବାଗେଇବା, ମୁଣ୍ଡ କୁଣ୍ଡେଇବା, ହେଁ ହେଁ ଫେଁ ଫେଁ; ଏ କିସ ଲୋ ମା, ଆମେ କ'ଣ ବହୂ ଭୁଆସୁଣୀ ହେଇ ନଥିଲୁଁ - ଆମର କ'ଣ ବଅସ କାଳ ନ ଥିଲା - ଆମେ କ'ଣ ରସିକପଣ ଜାଣି ନଥିଲୁଁ ! ତା ବୋଲି......."

"କ'ଣ କହୁନାହୁଁ ଭଲ କରି" । ହରିଆ ଖାଉଁ ଖାଉଁ କହିଲା ।

"ମୁଁ ଯେତେ କହିଲି, ପୁଅ ଭୋକେଇବନି, ପିଠା ନେଇ ଯା ବେଳି - ସେ ଖାଲି 'ହଁ ଗଲି, ହଁ ଗଲି' କରି ଟାଳ ମଟାଳ କଲା ଯଉଁଠୁ, ମୁଁ କ' ଣ କରିବି, ଆପେ ଘିନ୍ତି ଆସିଲି । ମା' ନୁହେଁ ତ ଯେ, ପେଟ କଥା ବୁଝିବ !"

"କ' ଣ କରୁଥିଲା ସିଏ ?"

"କରିବ ଆଉ କ' ଣ ? ସେଇ ମହାଜନ ପୁଅ ବିଛନ୍ଦ ଅଇଲା ଯେ......" ବୁଢ଼ୀ ରହିଗଲା ।

"ଓ, ବିଛନ୍ଦ ବାବୁ ? ମତେ ଡାକିବାକୁ ଆସିଥିବେ ।"

"ହୁଁ" ... ଗହୀରିଆ 'ହୁଁ' ଟି ମାରି ବୁଢ଼ୀ ମୁହଁଟା ବୁଲେଇଦେଲା । କହିଲା, "ଆଉ କ' ଣ ! ଦିନ୍ ଦିନ୍ କ' ଣ ତତେଇ ଡାକିବାକୁ ଆସିବ- ଆଉ କିଛି କାମ ନାହିଁ ପରା ତାର ! କାଲିଠୁଁ ତ ବଇନା ପକେଇ ଯାଇଚି - ଆଉ ପୁଣି କ' ଣ ?"

"ହେଲେ, କାମଟା ଯେ ତାଙ୍କରି ଦେଖିବେ ନାହିଁ ?"

"କ' ଣ ତୁ ନ ଥିଲା ବେଳରେ ଆମରି ଘରକୁ ଆସିବାର ତା' ର ଖାଲି ଗରଜ ପଡ଼ିଥାଏ, ନାହିଁ!...... ଆଉ ସେ ଆସିଲାକ୍ଷଣି, କି ଦେଖିବ ୟା' ଙ୍କର ଚରଚର, ଫରଫର ! ଯିମିତି କୋଟିନିଧି ମିଳିଗଲା ! ଆପଣା ଘଇତାକୁ ହେଲେ ୟା' ର କାଣିଚାଏ ସୁଆଗ.... ।"

"ତୁ କ' ଣ କହୁଚୁ ମା, ମୁଁ ବୁଝିପାରୁନି - ସଫା ସଫା କହୁନୁ ।"

"କହିଲେ ତ କୁଳକୁଟୁମ୍ବକୁ ଲାଜ - ନ କହିଲେ କୁଳ ଭାସି ଯାଉଚି । ତୁ ସିନା କାନରେ ତୂଳା ଦେଇ ବସିଚୁ; ରାଇଜଯାକ ଯେ ଫୁସୁରୁ ଫାସର ଲାଗିଚି । ହାଡ଼ମାଉଁସ ଶରୀର ସହିବ କେତେକେ ?"

"କଉଁ କଥାରେ ଫୁସୁରୁ ଫାସର ମ ?"

"ଆଉ କେଉଁ କଥା ? ଏଇ କଥା ! ତେଣୁ ଆସିବ କି, ଡାକଟା ମାରିଦବ ହରିଆ, ହରିଆ ବୋଲି । ସେଇଟା ଠାର । ତେଣୁ ବହୂ ଆସିବ ଧାଇଁ । କି ଖୁସି ସିଏ ! ମତେ ଏଗୁଡ଼ାକ ଭଲ ଲାଗେନାହିଁ, ପୁଅ । ଆମେ ଯେତେ ହେଲେ ନେଈଁ ଲୋକ - ସେ ହେଲା ଜାତିଆ, ବଡ଼ଘର ପୁଅ । ଏତେ ଗେହ୍ଲ ନାଟ କ' ଣ ତା ସାଙ୍ଗରେ ?"

"ହୁଁ" , ହରିଆ ପାଟିରେ ପିଠାଖଣ୍ଡିକ ଅଟକି ଯାଇଥିଲା ।

ତା ତୁଣ୍ଡରୁ ଛେପ ଶୁଖିଆସିଲା । ସେ ଆଉ ଚୋବାଇ ପାରୁ ନ ଥିଲା ଯେପରି ।

ବୁଢ଼ୀ ପୁଣି କହିଲା, "ହେଲେଇ ବା, ତୁ ସୁନ୍ଦରୀ ହେଇଚୁ, ଗୋରୀ ହେଇଚୁ, ସରଗ ଅପକ୍ଷରୀ ହେଇଚୁ; ଆଉ କ' ଣ କେହି ନଥିଲେ ?"

ହରିଆ ବଲ ବଲ କରି ଚାହିଁଥାଏ ।

"ଖାଇଦେ ରେ ଖାଇଦେ, କେତେ ବା ପିଠା !"

"ଖାଉଚି" କହି ହରିଆ ପାକୁଳିବାକୁ ଚେଷ୍ଟା କଲା ।

ବୁଢ଼ୀ ବସି ବସି କହିଲା, "ଏଇତ, ତୋ ବାପା ଭଲରେ ମନ୍ଦରେ ମତେ କେତେ ମାରୁ ନଥିଲା ! ଦିନେ କଉଁ ଗୋଟାଏ କଥାରେ ଇମିତି ମାଡ଼ ମାଇଲା ଯେ, ମୋ ଅଣ୍ଟାରେ ଆଜିଯେ ଦରଜ ରହିଛି ।"

"ଓ, ତୁ କହୁଛୁ, ମୁଁ ତାକୁ ମାରି ଅଣ୍ଡାଦରଜ କରେଇ ଦିଏଁ?" ହରିଆ ଏତକ କହି ଶୁଖିଲା ହସଟାଏ ହସିଲା ।

"ନାହିଁ, ତା କହୁନାଇଁ ଯେ - ତେବେ ଟିକିଏ ଅଧେ ତେଜ ମରକଟ, ଶାସନା ନ କଲେ ମାଇପି ଜାତି ମାନିବେ ନା? ତୁ ତ ହେଲୁ ନିହାତି ସୁଧାର । କଥାରେ କହନ୍ତି, ସୁଧାର ଗାଈର ବାଛୁରୀ ମରେ । ଶରଧା କର, ଗେହ୍ଲା କର, ସୁଆଗ କର, କିଏ ମନା କରୁଛି? ତା' ବୋଲି ମୁଣ୍ଡଉପରେ...... ।"

"ରହ, ବିଛନ୍ଦ ଏଇକ୍ଷଣି ଆମ ଘରେ......?"

"ମୁଁ ଆସିଲାବେଳେ ତ ଥିଲା । ଇଆଡୁ ଯାଇ ଡାକ ମାରିଲାକ୍ଷଣି ସେ ସିଆଡୁ ଅଇଲା ଘୋଡ଼ୀ ପରି ଧାଇଁ । ଇଏ କହିଲା, 'ହରିଆ କାହିଁ?' ସିଏ ହସି ହସି କହିଲା, 'କାମକୁ ଗଲେଣି ।' ତା ପରେ ଇଏ କହିଲା, 'ଓଃ, କି ଖରାଟା ହେଇଚି! ଟିକିଏ ବସିଯାଏଁ ।' ଇଆ କହି ବସିଲା । ସିଏ ତାକୁ ହେଁସ ପାରିଦେଇ ତାଆରି ପାଖରେ ବସି - ଲାଗିଗଲା ଖୁସିଗପ । ମୁଁ ଅଇଲି ଚାଲି ବାପ । ମତେ ଏଗୁଡ଼ାକ...... କି ତୁ ଖାଇଲୁ ନାହିଁ ଯେ!"

"ନା, ଆଉ ଖାଇବି ନାହିଁ, ନେଇଯା ।"

ଏହା କହି ହରିଆ ଡାଳରୁ ଢକ ଢକ କରି ଡାଳେ ପାଣି ଠକେଇଦେଲା । ବୁଢ଼ୀ ନୋଟା ଓ କଂସା ନେଇ ଚାଲିଗଲା । ହରିଆ ପୁଣି ତା କାମରେ ଗଲା ଲାଗି ।

କଚ୍, କଚ୍, କଚ୍ । ହାତ ତା' ର ଚାଲିବାକୁ ଲାଗିଲା ରେଳଗାଡ଼ି ପରି । ସେ ଯେପରି ମତୁଆଲା ହେଇ ନଳିତା ଗଛଗୁଡ଼ାକ କାଟି ଚାଲିଲା ଭୀମ ପରାକ୍ରମରେ । ତିନି ହାତ ଓସାରରେ ଗୋଟାଏ ନାଳୀ ସେ କିଆରି ଭିତରେ ଲମ୍ବି ଯିବାକୁ ଲାଗିଲା । ପ୍ରତି ମିନିଟ୍‌ରେ ତାହା ଆଗକୁ ଆଗକୁ ବଢ଼ି ଯାଉଥାଏ । ଆଉ ତା ସାଙ୍ଗେ ସାଙ୍ଗେ ହରିଆ ଆଗେଇ ଚାଲିଥାଏ କାଟି କାଟି କଚ୍ କଚ୍ କଚ୍ ।

ଆଉ ଜଣେ ମୂଲିଆ କହିଲା, "ବାଃ, ହରିଆ ତ ଭାରି କାମ କରୁଛି ! ଆଜିରେ ଏକା ସବୁ ସାରିଦବୁ ନା କ' ଣ ?"

ହରିଆ ଶୁଣି ନ ଶୁଣିଲା ପରି କାମରେ ଲାଗିଚାଲିଲା । ଆଉ ଜଣେ କହିଲା, "ଚାହିଁଲୁଣି, ବିଚ୍ଛନ୍ଦ ବାକୁ ଆସୁଚି ।"

"ସିଏ ପୁଣି କିଏ ମ ତା' ସାଙ୍ଗରେ ?"

"...... ଓ, ହରିଆର ବହୂ ଗଉରୀ ।"

ହରିଆ ତେଣିକି ଚାହିଁଦେଲା । ଆଗେ ଆଗେ ଚାଲିଛି ଗଉରୀ, ଆଉ ତା ପଛରେ ବିଛନ୍ଦ ।

ସେ ପୁଣି ତା କାମରେ ଲାଗିଲା ।

ଗଉରୀ ଆସି ତା ପାଖରେ ଛିଡ଼ା ହେଲା । ସେ ତାକୁ ଚାହିଁଲା ନାହିଁ । ଦଣ୍ଡେ ଛିଡ଼ା ହୋଇ ଗଉରୀ କହିଲା, "ଆଜି ପିଠା ଖାଇଲ୍ ନାହିଁ ?"

"ଭୋକ ନଥିଲା ।"

"ଦେହ ଖରାପ ଅଛି ?"

"ନା, ତୁ କୁଆଡ଼େ ଅଇଲୁ ?"

"ମୁଁ ଆଇଲି ବାସନ ନବାପାଇଁ ।"

"ମା ନେଇଗଲାଣି ।"

"ଜାଣେଁ । ଓ, ସେଇଥିପାଇଁ ପିଠା ଖାଇନାହିଁ ପରା ?" କହି ଗଉରୀ ଟିକିଏ ମଧୁର ହସ ହସିଦେଲା । ହରିଆ ସେହିପରି ମୁହଁଟାକୁ ହାଣ୍ଡି କରି ରହିଥାଏ ।

ଗୌରୀ କହିଲା, "କ' ଣ କି, ମୁଁ ଆସୁଥିଲି ଯେ ତେଣୁ ବିଛବାବୁ ଆସି ପହଞ୍ଚି ଗଲେ । ବସିପଡ଼ି.....ହଁ, ତାଙ୍କୁ ଟିକିଏ ଦୋକତା ପତର ଦେଲି, ନିଆଁ ଦେଲି- ସେ ପିକା ଖାଇବାକୁ ମାଗିଲେ ପରା । ପୁଣି ପିକା ତାଙ୍କୁ ଭଲ ମୋଡ଼ି ଆସେନା । କହିଲେ ଯେ, ମୁଁ ମୋଡ଼ିଦେଲି । ଏ ଭିତରେ ମା ତାଙ୍କର ପିଠା ଘେନି ଚାଲିଆସିଲେ ।"

"ହଉ, ଭଲ କଲୁ"  ନଳିତା କାଟୁ କାଟୁ ହରିଆ କହିଲା ।

ଏହି ସମୟରେ ବିଛନ୍ଦ ଆସି ସେଠି ପହଞ୍ଚିଲା । "କିରେ ହରିଆ, ବାଃ, ତୋ ପାହି ତ ଆଗେ ଚାଲିଛି ! ମୁଁ ଜାଣେ ପରା, ତୋ ପରି କାମିକା ଏଗୁଡ଼ାକ କେହି ନୁହନ୍ତି । ସେଇଥିପାଇଁ ଏଥର ତୋତେ ଆମ ଲାଗି ମୂଲିଆ କରିବା କଥା ଠିକ୍ କରିଛି ନା ।"

"କଥା କୁହନାହିଁ ବାବୁ । କଥା କହିଲେ କାମ ଢିଲା ହୁଏ ।"

"ହଁ, ହଁ, ତାହା ଏକା ଠିକ୍ । ଏଇ କାମ ପାଇଁ, ଏଇ ଜିଗିରିଦାର କାମପାଇଁ ତ ତତେ ମୁଁ ଛାଡ଼େନାହିଁ ।....ଆଉ....ହଁ, ସେ ବାରମାସିଆ ହବା କଥା ତୋର କଣ ହେଲା ରେ ?"

"ତମରି ଦାନାକୁ ତ ଆଶ୍ରା ବାବୁ, ସବୁଦିନେ ।"

"ହଁ, ମୁଁ ଜାଣେ ପରା ତୋ କଥା, ସେଇଥି......"

"ହଉ ତମେ ଯା । ମୋ କାମ ହେଳା ହେଇ ଯାଉଚି" ହରିଆ କହିଲା । ହସି ଦେଇ ବିଛନ୍ଦ କହିଲା, "ସତ, ସତ,....ମୁଁ ଯାଏ - ମୁଁ ସେ ଗଛମୂଳରେ ବସୁଚି । ତୋ କଥା ସିନା ନିଆରା । ଆଉ ଏ ମୂଲିଆଙ୍କ ଉପରେ ଆଖି ନ ରଖିଲେ କ' ଣ କାମ କରିବେ !"

ଏହା କହି ସେ ଚାରି ପାହୁଲ ଚାଲିଗଲା ।

ତା' ପରେ ହଠାତ୍ ବୁଲିପଡ଼ି କହିଲା, "ଏ ଗଉରୀ, ଆଉ ଗୋଟାଏ ପିକା ମୋଡ଼ିଦେଲୁ । ବୁଝିଲୁ ନା ହରିଆ, ତୋ ଗଉରୀକୁ ଭଲ ମଜାରେ ପିକା ମୋଡ଼ି ଆସେ ଏକା ।"

ବିଛନ୍ଦ ଚାଲିଗଲା । ଗଉରୀ ସେଠି ଛିଡ଼ାହୋଇ ରହିଲା । ହରିଆ କହିଲା, "ବାବୁ ଡାକିଗଲା, ଯାଉନୁ ?"

"ପିକା ମୋଡ଼ିବାବୁ କ' ଣ କେହି ନାହାନ୍ତି ଯେ.... ।"

"ସେଥିରେ କ' ଣ ହେଲା, ମୁନିବ ସେ, ଖୁସି କର....."

ହରିଆ ଆଉ କହିପାରିଲା ନାହିଁ; କୁଆଡ଼କୁ ନ ଚାହିଁ ତା କାମରେ ଲାଗିଲା ।

କିଛିକ୍ଷଣ ପରେ ପଛକୁ ଚାହିଁ ଦେଲାବେଳକୁ ଗଉରୀ ଚାଲି ଗଲାଣି । ନଳିତାଝାଡ଼ର ଉହାଡ଼ରେ ସେ ଆଉ ଦିଶିଲା ନାହିଁ । ପୁଣି ସେ କାଟିଲାଗିଲା । କିନ୍ତୁ କାଟିବାରେ ସତେ କି ତାର ହାତ ଚଳିଲା ନାହିଁ । ସେ ଠିଆ ହୋଇପଡ଼ିଲା । ଦେଖିଲା, କ୍ଷେତକିଆରୀର ମୁଣ୍ଡରେ ଗୋଟାଏ ଆମ୍ବଗଛ ତଳେ ବିଛନ୍ଦ ବସିଛି ଗଛକୁ

ଆଉଜି - ଆଉ ଗଉରୀ କିଆରୀର ବାହାରେ ବାହାରେ ବୁଲିଯାଇ ପ୍ରାୟ ତା’ ପାଖ ହୋଇଗଲାଣି । ହରିଆର ବୁଝିବାକୁ ବାକି ରହିଲାନାହିଁ ଯେ ଗଉରୀ ବିଛନ୍ଦ ପାଖକୁ ଯାଉଚି । ସେ ତତ୍‌କ୍ଷଣାତ୍ ବସିପଡ଼ି ପୁଣି କାଟିଚାଲିଲା ବେଦମ୍ ।

ଏହି ସମୟରେ ତା’ ର ଜଣେ ସାଙ୍ଗ ମୂଲିଆର ତୁଣ୍ଡ ଶୁଭିଲା । ସେ ହୁଏତ ଦି’ ଚାରି ହାତ ଦୂରରେ କାଟୁଥିଲା; କିନ୍ତୁ ତାକୁ ଦିଶୁ ନଥିଲା । ସେ ଧୀରେ ଧୀରେ କହୁଛି, “ଶଳା ବିଛନ୍ଦା ଭାରି ପାଜି; ଛଞ୍ଚାଣ ପରି ସେଠି ଗଛମୂଳରେ ଜଗି ବସିଛି, କାଳେ କିଏ ଗଫଲତି କରିବ ।”

ଏତିକିବେଳେ ବିଛନ୍ଦ ସେଠୁ ଥାଇ ଡାକ ମାରିଲା, “ହଁ, ଜଲ୍‌ଦି ଜଲ୍‌ଦି- ଫୁର୍ତ୍ତିଉ କର ।”

ଆଉ ଜଣେ କହିଲା, “ଦେଖୁଛ ନା ତେଜୁଟା ବେହିପର ?”

ତୃତୀୟ କହିଲା, “ମିଞ୍ଜାସ୍‌ଟା ଖୁସ୍ ଅଛି କିନା !”

ପ୍ରଥମ କହିଲା, “କାହିଁକି ମ ?”

ତୃତୀୟ - ବୁଝିପାରୁନୁ ? ଗଉରୀ ଟୋକୀ ପାଖକୁ ଗଲାଣି ପରା !

ପ୍ରଥମ - କିଏ, ହରିଆ ମାଇପ ନା ?

ତୃତୀୟ - ଆରେ, ହଁ ।

ପ୍ରଥମ - ଏଃ, ହରିଆ ଶୁଣିବଟି !

ତୃତୀୟ - ହଃ, ହାତୀ ମରି କୁଲା ଢାଙ୍କୁଣି ପଡ଼ିଛି !

ଏସବୁ କଥା ହରିଆ କାନରେ ଠୁକ୍ ଠୁକ୍ ହୋଇ ବାଜିଲା । ଦେହଯାକ ଲହୁ ଛମ୍ ଛମ୍ କରି ଉଠିଲା । ସେ ଡବଲ ତେଜରେ ନଳିତା କାଟିଚାଲିଲା କଚ୍ କଚ୍ । ସେ ଯେପରି ବେଗରେ କାଟିବାକୁ ଲାଗିଲା, ସେପରି କାଟିବସିଲେ ଘଣ୍ଟାକ କାମ ଦଶ ମିନିଟ୍‌ରେ ହୋଇଯିବ ।

ଚାହୁଁ ଚାହୁଁ ହରିଆ ପାହିଟା ହୁ-ହୁ କରି ବଢ଼ିଚାଲିଲା ।  ଦିିଗ୍‌ବିଦିଗ୍‌ଜ୍ଞାନଶୂନ୍ୟ ହୋଇ କାଟୁଛି, ଯେପରି ତାକୁ ଭୂତ ଲାଗିଛି ।

ଆଉ ମୂଲିଆମାନେ ବହୁତ ପଛରେ ପଡ଼ିଗଲେ । ସେ କେତେ ଆଗେଇଗଲାଣି, ତାକୁ ମାଲୁମ ନାହିଁ । ହଠାତ୍ ତାକୁ କାହାର କଥା ଶୁଭିଲା । ସେ ଟିକିଏ ହାତ ବନ୍ଦ ରଖି କାନ ପାରିଲା ।

ଗଉରୀ ସ୍ୱର ! ଗଉରୀ ଚୁପ୍ ଚୁପ୍ ହୋଇ କହୁଚି - ଏଁ, କିଏ ଦେଖିପକାଇବ ଯେ !

ବିଛନ୍ଦ କହୁଛି - ହୁଁଃ, ଦେଖିପକଉଚିତ ଖାଲି ! ନଳିତା ଆଡ଼ରେ କାହାକୁ କ' ଣ ଦିଶୁଚି ! ଆଉ ଯେଝା କାମରେ ତ ଯେଝେ ଲାଗିଛନ୍ତି; କାହାର କାମ ନାହିଁ ଯେ....ମୁଁ ଏଠି ଅଛି ବୋଲି.... ।

ଏତିକି କହି ପୁଣି ଗୋଟାଏ ଡାକ ଛାଡ଼ିଲା, "ଫୁର୍ତ୍ତି କର ଫୁର୍ତ୍ତି; ବସିଲା କିଏ ?"

ପୁଣି ଗଉରୀ କହିଲା, "ଛି, ବେଳକାଳ ନାହିଁ ନା ! ଏଇଠି ସବୁ....."

"ଆ-ମ, କତିକି ଘୁଞ୍ଚିଆ ।"

ହରିଆ ଆଉ ସମ୍ଭାଳି ପାରିଲା ନାହିଁ । ତା ମୁଣ୍ଡ ଭିତରେ ଦାଉଁ କରି ନିଆଁ ହାଲୁକା ଜଳିଉଠିଲା । ଆଖି ଆଗରେ ଘନା ଅନ୍ଧାର ହୋଇଗଲା । ଦାନ୍ତରେ ଦାନ୍ତ ତା ’ ର ରଗଡ଼ି କଡ଼ କଡ଼ ହୋଇ ବାଜିଉଠିଲା । ସେ କଟୁରୀ ବେଣ୍ଟଟା କଷି କରି ମୁଠା ଭିତରେ ଚାପି ଧରିଲା ।

ଏକା କୁଦାରେ ହରିଆ ଯାଇ ପଡ଼ିଲା ଆମ୍ବଗଛ ମୂଳରେ । ସେତେବେଳକୁ ବିଛନ୍ଦ ଗଉରୀ ବେକରେ ହାତ ପକାଇ ଆଉଜେଇ ଆଣୁଚି । ଦିହିଁଙ୍କ ମୁଣ୍ଡ ପ୍ରାୟ ଲଗାଲଗି ହୋଇଯିବା ଉପରେ ।

ହରିଆର କଟୁରୀଟା ଥରେ ଡାହାଣରୁ ବାଆଁକୁ, ପୁଣି ଥରେ ବାଆଁରୁ ଡାହାଣକୁ ସାଁ କରି ଚାଲିଗଲା ।

ଦୁଇଟା ମଣିଷ ମୁଣ୍ଡ ଆଖିପିଛୁଳାକେ ତଳେ ଖସି ଲୋଟିପଡ଼ିଲା ।